**ସେନାପତି ମୁଖ୍ୟାଳୟ**
**କଲିକତା ଏବଂ ଅନ୍ୟମାନେ**
**ବନାମ**
**କପ୍ତାନ୍ ବିପ୍ଲା ବେନ୍ଦ୍ର ଚାନ୍ଦ**

**ନଭେମ୍ବର 5, 1996**

[ବି.ପି. ଜୀବନ ରେଡ୍ଡି ଏବଂ ସୁହାସ ସି. ସେନ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ପେନସନ୍ — ପ୍ରତିରକ୍ଷା କ୍ଷେତ୍ରରେ ପ୍ରାଧିକୃତ ନିଯୁକ୍ତ ଅଧିକାରୀ — ମଇ 1982ରେ ଅବସର ଗ୍ରହଣ କରିଥିଲେ — ସେତେବେଳେ ପ୍ରଚଳିତ ନିୟମ ଅନୁଯାୟୀ, ପେନସନ୍ ଉଦ୍ଦେଶ୍ୟରେ ପ୍ରାଧିକୃତ ପୂର୍ବ-ନିଯୁକ୍ତ ସେବାର ମାତ୍ର ଦୁଇ ତୃତୀୟାଂଶ ଗଣନା କରାଯାଇଥିଲା ଏବଂ ପେନସନ୍ ଅର୍ଜନ ପାଇଁ ସର୍ବନିମ୍ନ ଯୋଗ୍ୟକାରୀ ସେବା ଅବଧି ପ୍ରଦାନ କରାଯାଇଥିଲା — ଅପିଲକାରୀ ପେନସନ୍ ପାଇଁ ଅଯୋଗ୍ୟ ବିବେଚିତ ହୋଇଥିଲେ — 1.1.1986 ତାରିଖରୁ ପେନସନ୍ ଉଦ୍ଦେଶ୍ୟରେ ସଂଶୋଧିତ ନିୟମାବଳୀ ଏବଂ ସମ୍ପୂର୍ଣ୍ଣ ପୂର୍ବ-ନିଯୁକ୍ତ ଅବଧିକୁ ବିଚାରକୁ ନିଆଯାଇଥିଲା — ସଂଶୋଧିତ ନିୟମ ଅନୁଯାୟୀ ସୁବିଧା ପାଇଁ ଦାବି — ଦର୍ଶାଯାଇଛି, 1.1.1986 ତାରିଖରୁ କାର୍ଯ୍ୟକାରୀ ହେଉଥିବା ସଂଶୋଧିତ ନିୟମଗୁଡ଼ିକ ପିଛିଲା ଭାବରେ ପ୍ରଭାବ ଦିଆଯାଇ ନଥିଲା — ସଂଶୋଧିତ ନିୟମାବଳୀ ଅନୁଯାୟୀ ଉତ୍ତରଦାତାଙ୍କୁ ପିଛିଲା ଭାବରେ ପେନସନ୍ ପାଇବା ପାଇଁ ଯୋଗ୍ୟ କରାଯାଇପାରିବ ନାହିଁ ।*

*ପଶ୍ଚିମବଙ୍ଗ ରାଜ୍ୟ ବନାମ ରତନ ବିହାରୀ ଦେବ,* **[1993] 4 SCC 62, ଉପରେ ନିର୍ଭର କରିଥିଲେ ।**

*ଡି.ଏସ୍. ନାକାରା ଏବଂ ଅନ୍ୟମାନେ ବନାମ ଭାରତ ସଂଘ,* **[1983] 2 SCR 165 ଏବଂ** *ଏମ୍.ସି. ଧିଙ୍ଗ୍ରା ବନାମ ଭାରତ ସଂଘ ଏବଂ ଅନ୍ୟମାନେ, [1996]* **7 SCC 564, ବିଶିଷ୍ଟ ।**

*କୃଷ୍ଣ କୁମାର ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* **[1990] 4 SCC 207 ଏବଂ** *ଭାରତୀୟ ପୂର୍ବତନ ସେବା ସଂଘ ଏବଂ ଅନ୍ୟମାନେ ଇତ୍ୟାଦି ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* **ଇତ୍ୟାଦି, [1991] 1 SCR 158, ଉଲ୍ଲେଖ କରାଯାଇଛି ।**

ଦେୱାନୀ ଅପିଲୀୟ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 14172/1996 ।

ଏଫ୍.ଏମ୍.ଏ.ଟି ସଂଖ୍ୟା 2419/1992 ରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କର 6.7.94 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ପି.ପି. ମାଲହୋତ୍ରା, ୱାସିମ ଏ. କାଦରୀ ଏବଂ ସୁଶ୍ରୀ ଅନୀଲ କଟିୟାର ।

ଉତ୍ତରଦାତାଙ୍କ ପାଇଁ ବିଜନ ଘୋଷ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଉଭୟ ପକ୍ଷଙ୍କ ଅଧିବକ୍ତାଙ୍କ କଥା ଶୁଣିଲୁ ।

ଅନୁମତି ପ୍ରଦାନ କରାଗଲା ।

ଅପିଲକାରୀଙ୍କ ଦ୍ୱାରା ଆଗତ କରାଯାଇଥିବା ରିଟ୍ ଅପିଲକୁ ଖାରଜ କରି କଲିକତା ଉଚ୍ଚ ନ୍ୟାୟାଳୟଙ୍କର ଏକ ଖଣ୍ଡପୀଠଙ୍କ ରାୟ ବିରୁଦ୍ଧରେ ଏହି ଅପିଲକୁ ଆଗତ କରାଯାଇଥିଲା । ଉତ୍ତରଦାତା ଜଣେ ନିଯୁକ୍ତ ପ୍ରାଧିକୃତ ଅଧିକାରୀ ଥିଲେ । ସେ 1982 ମସିହା ମେ 18 ତାରିଖରେ ଅବସର ନେଇଥିଲେ । ସେତେବେଳେ ପ୍ରଚଳିତ ନିୟମ ଅନୁଯାୟୀ, ଅବସରକାଳୀନ ସୁବିଧା ପାଇବା ପାଇଁ ଯୋଗ୍ୟତା ସେବା ପାଇଁ ପୂର୍ବ-ନିଯୁକ୍ତ ସେବାର ମାତ୍ର ଦୁଇ ତୃତୀୟାଂଶ ଗଣନା କରିବାକୁ ଅନୁମତି ଦିଆଯାଇଥିଲା । ପେନସନ୍ ପାଇଁ ଯୋଗ୍ୟ ହେବା ପାଇଁ ସର୍ବନିମ୍ନ ଯୋଗ୍ୟତା ସେବା ଅବଧି ମଧ୍ୟ ପ୍ରଦାନ କରାଯାଇଥିଲା । ଉକ୍ତ ନିୟମ ଆଧାରରେ, ଉତ୍ତରଦାତା ପେନସନ୍ ପ୍ରଦାନ ପାଇଁ ଅଯୋଗ୍ୟ ବୋଲି ଜଣାପଡିଥିଲା ଏବଂ ତଦନୁସାରେ ତାଙ୍କୁ କୌଣସି ପେନସନ୍ ପ୍ରଦାନ କରାଯାଇ ନଥିଲା । ପ୍ରାୟ ଚାରି ବର୍ଷ ପରେ, ଚତୁର୍ଥ ବେତନ ଆୟୋଗଙ୍କ ସୁପାରିଶ ଆଧାରରେ ଯୋଗ୍ୟତା ସେବା ସମ୍ବନ୍ଧୀୟ ନିୟମାବଳୀ [ଜାନୁଆରୀ 1, 1986 ରୁ କାର୍ଯ୍ୟକାରୀ] ପରିବର୍ତ୍ତନ କରାଯାଇଥିଲା । ଏହି ନିୟମାବଳୀର ଏକ ବୈଶିଷ୍ଟ୍ୟ ଥିଲା ଯେ, ପେନସନ୍ ସୁବିଧା ପାଇବା ପାଇଁ ଆବଶ୍ୟକ ଯୋଗ୍ୟତା ସେବା ପ୍ରସ୍ତୁତ କରିବା ପାଇଁ ସମ୍ପୂର୍ଣ୍ଣ ପୂର୍ବ-ନିଯୁକ୍ତ ପ୍ରାଧିକୃତ ସେବାକୁ ବିଚାରକୁ ନେବାକୁ ହେବ । ଅନ୍ୟ ଅର୍ଥରେ, ପୂର୍ବରୁ ପେନସନ୍‌ର ଯୋଗ୍ୟତା ଏବଂ ପରିମାଣ ନିର୍ଦ୍ଧାରଣ କରିବା ପାଇଁ ପୂର୍ବ-ନିଯୁକ୍ତ ପ୍ରାଧିକୃତ ସେବାର ମାତ୍ର ଦୁଇ ତୃତୀୟାଂଶକୁ ଗଣନାରେ ନିଆଯାଉଥିଲା, କିନ୍ତୁ 1986 ଜାନୁଆରୀ 1ରୁ ଲାଗୁ ହୋଇଥିବା ନିୟମ ଅନୁଯାୟୀ ସମ୍ପୂର୍ଣ୍ଣ ପୂର୍ବ-ନିଯୁକ୍ତ ପ୍ରାଧିକୃତ ସେବାକୁ ଗଣନା କରାଯାଇପାରିବ । ସେମାନଙ୍କୁ କୁହା ଯାଇଥିବା ପରି ଉତ୍ତରଦାତା ଉକ୍ତ ନୂତନ ନିୟମାବଳୀ  କିମ୍ବା ସଂଶୋଧିତ ନିୟମାବଳୀ ଆଧାରରେ ପେନସନ୍ ପ୍ରଦାନ କରିବା ପାଇଁ ଦାବି କରିଥିଲେ । ତାହାକୁ ପ୍ରତ୍ୟାଖ୍ୟାନ କରାଯିବା ପରେ ସେ ଏକ ରିଟ୍ ଆବେଦନ ମାଧ୍ୟମରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ବିଜ୍ଞ ଏକକ ବିଚାରପତି ଡି.ଏସ୍. ନାକରା ଏବଂ ଅନ୍ୟମାନେ ବନାମ ଭାରତ ସଂଘ, [1983] 2 SCR 165, ମାମଲାରେ ଏହି ନ୍ୟାୟାଳୟଙ୍କର ନିଷ୍ପତ୍ତି ଉପରେ ନିର୍ଭର କରି ରିଟ୍ ଆବେଦନକୁ ଅନୁମତି ଦେଇଥିଲେ, ଯାହାର ଖଣ୍ଡପୀଠ ଦ୍ୱାରା ଆଦେଶକୁ ନିଶ୍ଚିତ କରାଯାଇଛି ।

ଆମର ମତ ହେଉଛି ଯେ, ଡି.ଏସ୍. ନାକାରାଙ୍କ ଅନୁପାତ ଏଠାରେ କୌଣସି ପ୍ରଯୁଜ୍ୟତା ନାହିଁ । ଡି.ଏସ୍. ନାକାରା ଗୋଟିଏ ଶ୍ରେଣୀ ଗଠନ କରୁଥିବା ପେନସନ୍‌ଭୋଗୀମାନଙ୍କ ଏବଂ ସମାନ ନିୟମାବଳୀ ଦ୍ୱାରା ପରିଚାଳିତ ଭେଦଭାବକୁ ନିଷିଦ୍ଧ କରିଛନ୍ତି । ସେହି ମାମଲାରେ ଏହା କୁହାଯାଇଥିଲା ଯେ, ଉଦାରୀକୃତ ପେନସନ୍ ନିୟମାବଳୀରେ ନିର୍ଦ୍ଧାରିତ ତାରିଖ ଭାବରେ ଶେଷ ତାରିଖକୁ ସ୍ୱେଚ୍ଛାଚାରୀଭାବରେ ଚୟନ କରାଯାଇଥିଲା । ମାମଲାଟି ଏଠାରେ ତାହା ନୁହେଁ । ଉତ୍ତରଦାତାଙ୍କୁ କୌଣସି ପେନସନ୍ ପ୍ରଦାନ କରାଯାଇ ନଥିଲା କାରଣ ତାଙ୍କ ଅବସର ଗ୍ରହଣ ତାରିଖରେ ପ୍ରଚଳିତ ଥିବା ନିୟମ ଅନୁଯାୟୀ ସେ ଯୋଗ୍ୟ ନଥିଲେ । ନୂତନ ଏବଂ ସଂଶୋଧିତ ନିୟମାବଳୀ [ଏହି ମାମଲାର ଉଦ୍ଦେଶ୍ୟ ପାଇଁ ଏହି ପ୍ରଶ୍ନର ଉତ୍ତର ଦେବା ଆବଶ୍ୟକ ନୁହେଁ ଯେ, ଜାନୁଆରୀ 1,1986 ରୁ ଲାଗୁ ହୋଇଥିବା ନିୟମଗୁଡ଼ିକ ନୂତନ ନିୟମ ଥିଲା ନା କେବଳ ସଂଶୋଧିତ କିମ୍ବା ଉଦାରୀକୃତ ନିୟମ] ଯାହା ଜାନୁଆରୀ 1,1986 ରୁ ଲାଗୁ ହୋଇଥିଲା, ସେଗୁଡ଼ିକୁ ପିଛିଲା ପ୍ରଭାବ ଦିଆଯାଇ ନଥିଲା । ଏହିପରି ମାମଲାରେ ଏହି ନିୟମାବଳୀ ଆଧାରରେ ଉତ୍ତରଦାତାଙ୍କୁ ପେନସନ୍ ପାଇଁ ପିଛିଲା ଭାବରେ ଯୋଗ୍ୟ କରାଯାଇପାରିବ ନାହିଁ । ଏହା ଏପରି ଏକ ମାମଲା ନୁହେଁ, ଯେଉଁଠାରେ *ସମାନ ସ୍ଥିତିରେ ଥିବା ପେନସନ୍‌ଭୋଗୀମାନଙ୍କ* ମଧ୍ୟରେ ଭେଦଭାବ କରାଯାଉଛି । ଉତ୍ତରଦାତାଙ୍କ ଯୁକ୍ତିକୁ ଗ୍ରହଣ କରିବା ଅତ୍ୟନ୍ତ କୌତୁହଳପୂର୍ଣ୍ଣ ପରିଣାମ ହେବ, ଏପରିକି

ଜଣେ ବ୍ୟକ୍ତି ଯିଏକି ବହୁ ପୂର୍ବରୁ ଅବସର ନେଇଥିବା ବ୍ୟକ୍ତି ମଧ୍ୟ 1984ରେ ନିୟମାବଳୀ ଆଧାରରେ ପେନସନ୍ ପାଇବାକୁ ସମାନ ଭାବେ ଯୋଗ୍ୟ ହେବେ । ଏହା ହୋଇପାରିବ ନାହିଁ ।

*ଡି.ଏସ୍. ନାକାରାଙ୍କ* ନିଷ୍ପତ୍ତିକୁ ପ୍ରକୃତରେ ଏହି ନ୍ୟାୟାଳୟଙ୍କର ପରବର୍ତ୍ତୀ ଦୁଇଟି ସମ୍ବିଧାନ ଖଣ୍ଡପୀଠର ନିଷ୍ପତ୍ତି ଦ୍ୱାରା ବ୍ୟାଖ୍ୟା କରାଯାଇଛି, ଯାହା *କୃଷ୍ଣ କୁମାର ଏବଂ ଅନ୍ୟମାନେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ, [1990] 4 SCC 207 ଏବଂ ଭାରତୀୟ ପୂର୍ବତନ ସେବା ସଂଘ ଏବଂ ଅନ୍ୟମାନେ ଇତ୍ୟାଦି ବନାମଭାରତ ସଂଘ ଏବଂ ଅନ୍ୟମାନେ ଇତ୍ୟାଦି, [1991] 1 SCR158* ରେ ହୋଇଛି । ପରବର୍ତ୍ତୀ ନିଷ୍ପତ୍ତିରେ, ଏହା କୁହାଯାଇଛି ଯେ, "ଆବେଦନକାରୀମାନେ" ଦାବି କରିଛନ୍ତି ଯେ, ସଶସ୍ତ୍ର ବାହିନୀର ସମସ୍ତ 1.4.1979 ତାରିଖ ପୂର୍ବର ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ପ୍ରତ୍ୟେକ ପାହ୍ୟା ପାଇଁ ପରିଶିଷ୍ଟ 'A', 'B' ଏବଂ 'C' ରେ ଦର୍ଶାଯାଇଥିବା ପରି ସମାନ ପରିମାଣର ପେନସନ୍ ପାଇବାକୁ ହକଦାର, ଏହା ସ୍ପଷ୍ଟ ଭାବରେ ଅସମର୍ଥନୀୟ ଏବଂ ନାକରା ନିଷ୍ପତ୍ତିରୁ ପ୍ରବାହିତ ନୁହେଁ ।" ଏହି ସମ୍ବନ୍ଧରେ ଆମେ *ପଶ୍ଚିମବଙ୍ଗ ରାଜ୍ୟ ବନାମ ରତନ ବିହାରୀ ଦେବ, [1993] 4 SCC 62,* ମାମଲାରେ ଏହି ନ୍ୟାୟାଳୟଙ୍କର ଅନ୍ୟ ଏକ ନିଷ୍ପତ୍ତିରେ ନିମ୍ନଲିଖିତ ପ୍ରଭାବ ପାଇଁ ପର୍ଯ୍ୟବେକ୍ଷଣକୁ ମଧ୍ୟ ଉଲ୍ଲେଖ କରିପାରିବା :

> "...... ରାଜ୍ୟ କିମ୍ବା ନିଗମ, ଯଥାସ୍ଥିତି, ଏକପକ୍ଷୀୟ ଭାବରେ ସେବା ସର୍ତ୍ତାବଳୀ ପରିବର୍ତ୍ତନ କରିବା ପାଇଁ ଏହା ଉନ୍ମୁକ୍ତ ରହିବ । ଅନ୍ତିମ ସୁବିଧା ସହିତ ପେନସନ୍ ସୁବିଧା-ସେବାର ସର୍ତ୍ତାବଳୀ ଗଠନ କରେ । ନିଯୁକ୍ତିଦାତାଙ୍କର ଦରମା ଏବଂ/କିମ୍ବା ବେତନ ହାରକୁ ସଂଶୋଧନ କରିବା ସହିତ ଅନ୍ତିମ ସୁବିଧା/ପେନସନାରୀ ସୁବିଧା ମଧ୍ୟ ସଂଶୋଧନ କରିବାର ନିଃସନ୍ଦେହ କ୍ଷମତା ରହିଛି । ବେତନ ହାର କିମ୍ବା ଅନ୍ତିମର ସଂଶୋଧନ କେଉଁ ତାରିଖ ଠାରୁ ଲାଗୁ ହେବ ତାହା ନିର୍ଦ୍ଦିଷ୍ଟ କରିବାର କ୍ଷମତା ଉକ୍ତ କ୍ଷମତାର ଏକ ସହଗାମୀ । ଯେପର୍ଯ୍ୟନ୍ତ ସେହି ତାରିଖ ଯୁକ୍ତିଯୁକ୍ତ ଢଙ୍ଗରେ ନିର୍ଦ୍ଦିଷ୍ଟ କରାଯାଇଛି, ଅର୍ଥାତ୍, ସମାନ ଭାବରେ ଅବସ୍ଥିତ ବ୍ୟକ୍ତିମାନଙ୍କ ମଧ୍ୟରେ କୌଣସି ଭେଦଭାବ ନ ଆଣି, ନ୍ୟାୟାଳୟଙ୍କ ଦ୍ୱାରା କୌଣସି ହସ୍ତକ୍ଷେପ ଲୋଡ଼ାଯାଏ ନାହିଁ,........ରାଜ୍ୟର ଏହି କ୍ଷମତା ପ୍ରଶ୍ନାତୀତ ଅଛି ଯେ, ସେହି ତାରିଖକୁ ନିର୍ଦ୍ଦିଷ୍ଟ କରିବେ ଯେଉଁଠାରୁ ପ୍ରସ୍ତୁତ କିମ୍ବା ସଂଶୋଧିତ ନିୟମାବଳୀ, ଯଥାସ୍ଥିତି ଲାଗୁ ହେବ । ଏକ ତାରିଖ ଉଭୟ ସମ୍ଭାବ୍ୟ ତଥା ପିଛିଲା ଭାବରେ ନିର୍ଦ୍ଦିଷ୍ଟ କରାଯାଇପାରିବ । ଏକମାତ୍ର ପ୍ରଶ୍ନ ହେଉଛି ତାରିଖର ବ୍ୟବସ୍ଥାପତ୍ର ଅଯୌକ୍ତିକ କିମ୍ବା ଭେଦଭାବପୂର୍ଣ୍ଣ । ଯେହେତୁ ଆମେ ଜାଣିବାକୁ ପାଇଛୁ ଯେ, ଏହି ମାମଲାରେ ତାରିଖର ନିର୍ଦ୍ଧାରଣ ସ୍ୱେଚ୍ଛାଚାରୀ କିମ୍ବା ଅଯୌକ୍ତିକ ନୁହେଁ, ତେଣୁ ଭେଦଭାବର ଅଭିଯୋଗ ବିଫଳ ହେବା ଆବଶ୍ୟକ ।"

ଉତ୍ତରଦାତାଙ୍କ ପାଇଁ ବିଜ୍ଞ ଅଧିବକ୍ତା *ଏମ୍.ସି.ଧିଙ୍ଗ୍ରା ବନାମ ଭାରତ ସଂଘ ଏବଂ ଅନ୍ୟମାନେ, [1996] 7 SCC 564* ମାମଲାରେ ଏହି ନ୍ୟାୟାଳୟଙ୍କର ଏକ ସଦ୍ୟ ନିଷ୍ପତ୍ତି ଉପରେ ନିର୍ଭର କରିଥିଲେ, କିନ୍ତୁ ଏହା ମଧ୍ୟ ଏକ ମାମଲା ଥିଲା ଯେଉଁଠାରେ ସମାନ ଶ୍ରେଣୀର ପେନସନ୍‌ଭୋଗୀଙ୍କ ମଧ୍ୟରେ ପାର୍ଥକ୍ୟ କରିବାକୁ ଚେଷ୍ଟା କରାଯାଇଥିଲା । ତେଣୁ ଉକ୍ତ ନିଷ୍ପତ୍ତି ଉତ୍ତରଦାତାଙ୍କ ସହାୟତା ପାଇଁ ଆସିପାରିବ ନାହିଁ ।

ଉପରୋକ୍ତ କାରଣଗୁଡ଼ିକ ପାଇଁ, ଏହି ଅପିଲକୁ ଅନୁମତି ଦିଆଯାଇଛି । ବିଜ୍ଞ ଏକକ ବିଚାରପତିଙ୍କ ନିଷ୍ପତ୍ତିକୁ ସମର୍ଥନ କରି ଉଚ୍ଚ ନ୍ୟାୟାଳୟଙ୍କର ଖଣ୍ଡପୀଠଙ୍କର ରାୟକୁ ବାତିଲ କରିଦିଆଯାଇଛି । ଉତ୍ତରଦାତଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିଟ୍ ଆବେଦନ ଖାରଜ କରାଯାଉଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଆବେଦନ ଖାରଜ ହେଲା।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦିକା : ସସ୍ମିତା  ନାଏକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ